# ଏମ୍ଓୟୁ ଉଲ୍ଲଂଘନର ସିବିଆଇ ତଦନ୍ତ ଦାବି

**ଲାନ୍‌କୋ ଜମିହରା ପ୍ରଜାଙ୍କ ମାମଲା**

- ସରକାରଙ୍କର ୨୦୦କୋଟି ରାଜସ୍ୱ କ୍ଷତି ଅଭିଯୋଗ
- ଏପ୍ରିଲ ୪ରେ ପରବର୍ତ୍ତୀ ଶୁଣାଣି

ଢେଙ୍କାନାଳ,୭।୩(ରତନ ନାୟାର)


ଜିଲାପାଳଙ୍କ ପ୍ରକୋଷ୍ଠ ବାହାରେ ଜମିହରା ପ୍ରଜା ଓ ପକ୍ଷ ରଖିଥିବା ଆଇନଜୀବୀ।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର ଲାନ୍‌କୋ ଜମିହରା ପ୍ରଜାଙ୍କ ପକ୍ଷରୁ ଏମ୍ଓୟୁ ଉଲ୍ଲଂଘନ ଅଭିଯୋଗକୁ ନେଇ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ହୋଇଥିଲା । ଜମିହରା ପ୍ରଜାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପକ୍ଷ ରଖି ଘଟଣାର ସିବିଆଇ ତଦନ୍ତ କରାଯିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।

ସେ କହିଥିଲେ, ଲାନ୍‌କୋ କମ୍ପାନୀ ଶିଳ୍ପ ପାଇଁ ଜମି ଅଧିଗ୍ରହଣ କରିଥିଲା । ଜମି ପ୍ରଦାନ ବାବଦକୁ ନିୟମ ମୁତାବକ କ୍ଷତିପୂରଣ ମିଳିବ ବୋଲି ରାଜ୍ୟ ସରକାର ଓ ଇଡ୍‌କୋ ପକ୍ଷରୁ କୁହାଯାଇଥିଲା । ଅଞ୍ଚଳବାସୀଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଦେଇ କମ୍ପାନୀ ଜମି ଅଧିଗ୍ରହଣ କଲା, କିନ୍ତୁ କମ୍ପାନୀ ହେଲାନାହିଁ । ପରେ ଏନ୍‌ସିଏଲ୍‌ଟିରୁ ସାଫ୍ରନ୍ ନାମକ କମ୍ପାନୀ ପୂର୍ବରୁ ଲାନ୍‌କୋ ପାଇଁ ଉଦ୍ଦିଷ୍ଟ ୮୮୭ ଏକର ଜମିକୁ ୯୨ କୋଟି ଟଙ୍କାରେ କିଣି ଅଧିକ ଦରରେ ଜେଏସ୍‌ଡବ୍ଲୁ କମ୍ପାନୀକୁ ପ୍ରଦାନ କଲା, ଯାହାର ମୂଲ୍ୟ ୬୯୦ କୋଟି ଟଙ୍କା ହେବ। ଫଳରେ ସରକାରଙ୍କର ପ୍ରାୟ ୨୦୦ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ଆଇନଜୀବୀ ମିଶ୍ର ଅଭିଯୋଗ କରିଛନ୍ତି। ଏଥିସହିତ ଇଡ୍‌କୋ ଜମି ଦେବା ନିୟମ ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଜିଲାପାଳ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଆସନ୍ତା ୪ ତାରିଖକୁ ପରବର୍ତ୍ତୀ ଶୁଣାଣି ଲାଗି ଧାର୍ଯ୍ୟ କରିଛନ୍ତି ଓ ସେହିଦିନ ଅଧିକ ଦସ୍ତାବିଜ୍ ପ୍ରଦାନ କରିବୁ ବୋଲି ମିଶ୍ର କହିଛନ୍ତି। ଏମ୍ଓୟୁ ଉଲ୍ଲଂଘନ ହେବା ଯୋଗୁ ବହୁ ସଂଖ୍ୟାରେ ଜମିହରା ପ୍ରଜା କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜସ୍ୱ ବିଭାଗକୁ ଉପେକ୍ଷା କରି ଏହି ଜମି ପ୍ରଦାନ କରାଯାଇଛି। ପୂର୍ବ ଜିଲାପାଳମାନେ ଏ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି କହିବା ସହ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ଆଇନଜୀବୀ ମିଶ୍ର ଦାବି କରିଛନ୍ତି।

ଜମି ହରାଇଥିବା ଯୁବ ସାମାଜିକ କର୍ମୀ ଡା. ଅବିନାଶ ସାମଲ କହିଛନ୍ତି, ରାଜ୍ୟ ବାହାରର ଏକ କମ୍ପାନୀ ଅଞ୍ଚଳବାସୀଙ୍କ ଜମିକୁ ଚଞ୍ଚକତା କରି ନେଇଯିବାକୁ ବସିଛି। ତେଣୁ ଆମେ କେମିତି ସେ ଜାଗାକୁ ପାଇବୁ ସେ ସମ୍ପର୍କରେ ସଂଗ୍ରାମ ଆରମ୍ଭ କରିଛୁ। କୌଣସି ଉତ୍ପାଦନ କ୍ଷମତା ନ ଥାଇ ସାଫ୍ରନ କମ୍ପାନୀ କିପରି ୯୨କୋଟି ଟଙ୍କା ଦେଇ ଉକ୍ତ ଜାଗାକୁ ଅକ୍ତିଆର କଲା ତାହା ତଦନ୍ତ ସାପେକ୍ଷ । ନିଯୁକ୍ତି ପାଇବା ଆଶାରେ ଅଞ୍ଚଳବାସୀ ଲାନ୍‌କୋକୁ ଜମି ଦେଇଥିଲେ। କିନ୍ତୁ ଲାନ୍‌କୋ ପ୍ରତିଷ୍ଠା ହୋଇପାରିଲା ନାହିଁ । ଏ ନେଇ ସେବି ମଧ୍ୟ ସକାରାତ୍ମକ ଭାବେ ଅଭିଯୋଗ ଗ୍ରହଣ କରିଛି। ବର୍ତ୍ତମାନ ଉକ୍ତ ଅଞ୍ଚଳରେ ୧୦ରୁ ୧୫ ଶିଳ୍ପାନୁଷ୍ଠାନ ଗଢ଼ିଉଠିଲାଣି। ଲୋକେ ବର୍ତ୍ତମାନ କଳାଧୂଆଁରେ ଆକ୍ରାମାକ୍ରା ହୋଇପଡୁଛନ୍ତି। ଏ ସମ୍ପର୍କରେ ଏକ ବିଧିବଦ୍ଧ ତଦନ୍ତ ହେବା ଦରକାର ବୋଲି କହିଛନ୍ତି। ଜମିହରା ପ୍ରଜାଙ୍କ ପକ୍ଷରୁ ନରେନ୍ଦ୍ର ସାହୁ କହିଛନ୍ତି, ଏମ୍ଓୟୁ ଉଲ୍ଲଂଘନ କରାଯାଇ ଅଞ୍ଚଳବାସୀଙ୍କ ଜମିକୁ ହଡ଼ପ କରାଯାଇଛି। ଆମ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଯୁକ୍ତି ଉପସ୍ଥାପନ କରିଥିଲେ। ଜିଲାପାଳ ସମସ୍ତ ବିଷୟ ଶୁଣିଛନ୍ତି।

ଜମିହରା ପ୍ରଜାଙ୍କ ପକ୍ଷରୁ କୈଳାସ ଚନ୍ଦ୍ର ରାଉତ, ବିନୋଦ ସାହୁ, ବିଜୟ ଧଳ ଓ ନରୋତ୍ତମ ରାଉତଙ୍କ ସମେତ ବହୁ ଅଭିଯୋଗକାରୀ ଉପସ୍ଥିତ ଥିଲେ ।

# ପାଳଗାଣ୍ଡୁଆରେ ହାତୀ ଉପଦ୍ରବ, ଘର ଭାଙ୍ଗିଲା

**ବନ ବିଭାଗର ପାଟ୍ରୋଲିଂକୁ ନେଇ ଅସନ୍ତୋଷ**

ଗଁଦିଆ,୭।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ବନାଞ୍ଚଳ ପାଳଗାଣ୍ଡୁଆ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇ ରହିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହିତ ବରଜୁ ସାହୁ (୪୫) ନାମକ ଜଣେ ଗରିବ ପରିବାରର ଘରକୁ ଭାଙ୍ଗି ଦେଇଛି। ଫଳରେ ଉକ୍ତ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଆଉ ଜାଗା ନାହିଁ। ବରଜୁଙ୍କ ପରିବାର ରାତିରେ ଶୋଇଥିବା ବେଳେ ହାତୀଟି ତାଙ୍କ ଚାଳ ଘର ଉପରେ ଆକ୍ରମଣ କରି ଭାଙ୍ଗି ଦେଇଥିଲା । ଭୟଭୀତ ଅବସ୍ଥାରେ ବରଜୁ, ତାଙ୍କ ସ୍ତ୍ରୀ ଓ ପିଲାମାନେ ଘର ଭିତରେ ରହିଥିବା ବେଳେ ଗ୍ରାମବାସୀ ହୋହାଲ୍ଲା ଓ ପାଟିତୁଣ୍ଡ କରିବାରୁ ହାତୀଟି ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲା। ହାତୀଟି ଘରେ ଥିବା ଖାଦ୍ୟଶସ୍ୟକୁ ମଧ୍ୟ ନଷ୍ଟ କରିଦେଇଥିଲା। ଘଟଣା ପରେ ବରଜୁ ଷଡ଼ଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟକୁ ଯାଇ ଫରେଷ୍ଟରଙ୍କୁ ସମସ୍ତ ବିଷୟ ଜଣାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରିନାହାନ୍ତି ।


ହାତୀ ଭାଙ୍ଗି ଦେଇଥିବା ବରଜୁଙ୍କ ଘର।

ଠିକ୍ ସମୟରେ ପାଟ୍ରୋଲିଂ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଉକ୍ତ ଅଞ୍ଚଳରେ ହାତୀ ଥିବା ନେଇ ଖବରଦେଲେ ମଧ୍ୟ ବନ ବିଭାଗ ବିଳମ୍ବରେ ପହଞ୍ଚୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏ ନେଇ ଷଡ଼ଙ୍ଗୀ ରେଞ୍ଜର ଗିରିଶ ଚନ୍ଦ୍ର ନାୟକ କୁହନ୍ତି, ଆମେ ଏ ସମ୍ପର୍କରେ ଅବଗତ ଅଛୁ । ସେ ଅନ୍‌ଲାଇନରେ ଆବେଦନ କଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ଆମେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିବୁ। ହାତୀ ଉପଦ୍ରବରେ କ୍ଷତି ହୋଇଥିବା ଖବରପାଇ କ୍ଷେତ୍ର ପରିଦର୍ଶନ କରି ତଦନ୍ତ ନ କରି, କ୍ଷତିଗ୍ରସ୍ତ ପରିବାର ଅନ୍‌ଲାଇନ ଆବେଦନ କରିବା ପରେ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ରେଞ୍ଜର କହିବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ତେଣୁ ତଦନ୍ତ କରି ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହକାରୀ ସହାୟତା ଯୋଗାଇ ଦିଆଯାଉ । ପଞ୍ଚାୟତ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ମଧ୍ୟ ଦାବି ହୋଇଛି ।

# ସୁକିଆବାଉତୀ ମନ୍ଦିର ନିକଟରେ ଦନ୍ତାହାତୀ


ଛିଡା ହୋଇ ରହିଥିବା ଦନ୍ତାହାତୀ।

ରାସୋଳ,୭।୩(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଖଲିବୋରେଇ ସେକ୍ସନ କୁନୁଆ ସୁକିଆବାଉତୀ ମନ୍ଦିର ନିକଟରେ ଦୁଇଦିନ ହେବ ଏକ ଦନ୍ତାହାତୀ ଉପଦ୍ରବ କରୁଛି । ଦିନରାତି ରାସ୍ତା ଉପରେ ଛିଡ଼ା ହେବା ଫଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଏପରିକି ୬୫୫ନଂ ଜାତୀୟ ରାଜପଥରେ ଯାନବାହାନଗୁଡିକ ଅଟକି ରହୁଛି। ମନ୍ଦିର ସମ୍ମୁଖରେ ଥିବା ମିଟୁ ସାମଲଙ୍କ ଜମିରେ ଲାଗିଥିବା ବାଇଗଣ, ଟମୋଟୋ ଓ କଦଳୀ ଫସଲ ନଷ୍ଟ କରୁଛି । ଶନିବାର ଦିନତମାମ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ, ରାସୋଳ ଓ ଖଲିବୋରେଇ ଫରେଷ୍ଟରଙ୍କ ସମେତ କର୍ମଚାରୀମାନେ ହାତୀକୁ ଜଗି ରହିଥିଲେ। ବନ ବିଭାଗ ଏଥିପ୍ରତି ସତର୍କ ଦୃଷ୍ଟି ଦେଇ ହାତୀକୁ ଘଉଡ଼ାବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବଜେଟ୍ ସମ୍ପର୍କିତ ରାଜ୍ୟସ୍ତରୀୟ ପାଠଚକ୍ର



ଢେଙ୍କାନାଳ,୭।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କେନ୍ଦ୍ର ଏବଂ ଓଡ଼ିଶା ବଜେଟ୍ ୨୦୨୬-୨୭ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅର୍ଥନୀତିକ ସଂଘ ଓ ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି ପାଠଚକ୍ରରେ ପ୍ରଫେସର ଜଗନ୍ନାଥ ଲେଙ୍କା, ପ୍ରଫେସର ରବି ନାରାୟଣ ପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗର ପ୍ରଫେସର ହିମାଂଶୁ ଶେଖର ରାଉତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୁନନ୍ଦିନୀ ଦାସ ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ବଜେଟ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମୀକ୍ଷା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପାଠଚକ୍ରରେ ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଡଃ. ସଞ୍ଜିତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ ବଜେଟ୍‌ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଉପସ୍ଥିତ ବିଶିଷ୍ଟ ଅର୍ଥଶାସ୍ତ୍ରୀମାନେ ରାଜ୍ୟ ଓ କେନ୍ଦ୍ର ବଜେଟ୍ ଉପରେ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ସସ୍ମିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶ୍ରୀ ସ୍ୱାଗତିକା ଦାସ ପଟ୍ଟନାୟକ, ସୁଶ୍ରୀ ସଙ୍ଗୀତା ନାୟକ, ଅଧ୍ୟାପକ ହିମାଂଶୁ ଶେଖର ମଲ୍ଲିକ ଓ ହରିହର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ ।

# ସମନ୍ୱିତ ପର୍ଯ୍ୟଟନ ସର୍କିଟ୍ ଗଠନ ପାଇଁ ପ୍ରସ୍ତାବ

ଢେଙ୍କାନାଳ,୭।୩(ରତନ ନାୟାର)

ଢେଙ୍କାନାଳ ଜିଲାରେ ସମନ୍ୱିତ ପର୍ଯ୍ୟଟନ ସର୍କିଟ୍ ଗଠନ ପାଇଁ ରେସ୍‌ପନସିବୁଲ ସିଟିଜେନ ଢେଙ୍କାନାଳ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶନିବାର ଏକ ପ୍ରସ୍ତାବ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ବାସଭବନରେ ମନ୍ତ୍ରୀଙ୍କୁ ଭେଟି ସଂଗଠନର ସଂଯୋଜକ ରାଜକିଶୋର ବେହେରା, ସଦସ୍ୟ ସରୋଜ କୁମାର ପଟ୍ଟନାୟକ ଏହି ପ୍ରସ୍ତାବ ଦେଇଥିଲେ। ଢେଙ୍କାନାଳରେ ଥିବା ମନ୍ଦିର, ଐତିହ୍ୟସମ୍ପନ୍ନ ସ୍ମାରକୀ, ବ୍ରାହ୍ମଣୀ ନଦୀ ଅବବାହିକାର ଉନ୍ନୟନ ଏବଂ ଏହା ସଂଲଗ୍ନ ଶୈବପୀଠଗୁଡିକର ଉନ୍ନତି, ଜଳଭଣ୍ଡାର, ଘଞ୍ଚ ଜଙ୍ଗଲ, ପ୍ରାକୃତିକ ପରିବେଶ, ସମୃଦ୍ଧ ଜୈବ ବିବିଧତା, ଆଦିବାସୀ ସଂସ୍କୃତି, ହସ୍ତଶିଳ୍ପ, ହସ୍ତତନ୍ତ, ପାରମ୍ପରିକ ନୃତ୍ୟ, ଖାଦ୍ୟପେୟ ଆଦିକୁ ନେଇ ଏକ ସମୃଦ୍ଧ ପର୍ଯ୍ୟଟନ କ୍ଷେତ୍ରର ସମ୍ଭାବନା ରହିଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି। ଢେଙ୍କାନାଳକୁ ରାଷ୍ଟ୍ରୀୟସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି । ଏହି ପରିକଳ୍ପନାକୁ ସାକାର କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୀତିଗତ ସହଯୋଗ ଓ ତତ୍‌ସମ୍ପର୍କିତ ମନ୍ତ୍ରାଳୟ ମଧ୍ୟରେ ସମନ୍ୱୟ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

# ସଖୀ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

ଢେଙ୍କାନାଳ,୭।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ସଖୀ ୱାନ-ଷ୍ଟପ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଗମ୍ବର ସାହୁ, ପ୍ରଶିକ୍ଷଣ ଅଧିକାରୀ ଶିଶିର ଶତପଥୀ, ଜୁନିୟର ହସ୍ପିଟାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ ଓ ନର୍ସିଂ ଅଫିସର ମମତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏଏନ୍‌ଏମ, ଆଶା କର୍ମୀ, ନର୍ସିଂ ଅଫିସରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଅତିଥି ବକ୍ତାମାନେ ଅନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ନାରୀ ସଶକ୍ତୀକରଣ ହିଁ ସମାଜର ଉନ୍ନତି ଆଣିପାରିବ ବୋଲି ମତ ଦେଇଥିଲେ । ଚଳିତବର୍ଷର ବିଷୟବସ୍ତୁ 'ଗିଭ-ଟୁ-ଗେନ' ସମ୍ପର୍କରେ ବକ୍ତାମାନେ ଆଲୋଚନା କରି ଯଦି ଆମେ ସମାଜକୁ ଦେବା ଶିଖିଥାଉ, ତେବେ ଆମେ ତାହାରୁ ଅଧିକ ଲାଭ ଓ ସମ୍ମାନ ପାଇଥାଉ ବୋଲି କହିଥିଲେ । ଏଥିସହ ଏକ ସିଗ୍‌ନେଚର କ୍ୟାମ୍ପେନ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ମହିଳା ଦିବସ ସମ୍ପର୍କରେ ଲେଖା ମାଧ୍ୟମରେ ମତାମତ ପ୍ରଦାନ କରିଥିଲେ। କେନ୍ଦ୍ରର ପ୍ରଶାସିକ ପ୍ରିୟଙ୍କା ମଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା ଘର

ପରଜଙ୍ଗ, ୭।୩
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ପଞ୍ଚାୟତର ଭାଲିଆତଇଲା ସାହିରେ ଭୟାବହ ଅଗ୍ନିକାଣ୍ଡ ଘଟି ଗ୍ରାମର ନମନ ବେହେରାଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ନିଆଁ ଭୟଙ୍କର ରୂପ ଧାରଣ କରିଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଧନ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନମନ ବେହେରା କହିଛନ୍ତି, ବର୍ତ୍ତମାନ ସେମାନଙ୍କ ପାଖରେ ଖାଇବାକୁ ଗଣ୍ଡିଏ ମଧ୍ୟ ନାହିଁ। ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ଏବଂ ସରକାର ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ତଥା ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।


ନିଆଁଲାଗି ଜଳିଯାଇଥିବା ଘର ସମ୍ମୁଖରେ ଅଗ୍ନିବିପନ୍ନ।

# ମହିଳାଙ୍କ ପାଇଁ ନିରାପଦ ଓ ସମ୍ମାନଜନକ କାର୍ଯ୍ୟକ୍ଷେତ୍ର ବ୍ୟବସ୍ଥା ହେଉ

ଢେଙ୍କାନାଳ,୭।୩(ରତନ ନାୟାର)

**ଯୌନ ନିର୍ଯାତନା ନିବାରଣ କମର୍ଶାଳା**

ଢେଙ୍କାନାଳ ପୁରୁଣା ଜିଲାପରିଷଦ ହଲଠାରେ ଉତ୍ତର କେନ୍ଦ୍ରାଞ୍ଚଳ ଓ ପୋଲିସ ପ୍ରଶାସନ ପକ୍ଷରୁ ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ଏକ କମର୍ଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । କମର୍ଶାଳାରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ନିମନ୍ତେ ନିରାପଦ ଓ ସମ୍ମାନଜନକ କାର୍ଯ୍ୟକ୍ଷେତ୍ର ସୃଷ୍ଟିକରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେ ସମସ୍ତେ ଶାରୀରିକ ଓ ମୌଖିକ ଯୋଗାଯୋଗ ଏବଂ ଆଚରଣ ପ୍ରତି ସଚେତନ ରହିବା । ଅସୁରକ୍ଷିତ ମନେକଲେ ପ୍ରତିବାଦ କରିବା, ଆଇନକୁ ବୁଝି ଅଧିକାର ସାବ୍ୟସ୍ତ କରିବା, ଆବଶ୍ୟକ ସ୍ଥଳେ ଆଭ୍ୟନ୍ତରୀଣ କମିଟିକୁ ଜଣାଇବା ସହିତ କୌଣସି ପ୍ରକାରର ନିର୍ଯାତନାକୁ ପ୍ରଶ୍ରୟ ନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଜିଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ, ସମସ୍ତ କ୍ଷେତ୍ରରେ ଛୋଟଛୋଟ ବିଷୟ ପ୍ରତି ଧ୍ୟାନଦେଲେ ପରବର୍ତ୍ତୀ ସମୟରେ ତାହା କୌଣସି ବଡ଼ ସମସ୍ୟାର ରୂପ ଧାରଣ କରିବ ନାହିଁ। ସମସ୍ତ ସରକାରୀ ଓ ଘରୋଇ ପ୍ରତିଷ୍ଠାନରେ ବିଶେଷ କରି ମହିଳାମାନେ ଯେପରି କୌଣସି ପ୍ରକାରର ଯୌନ ନିର୍ଯାତନାର ସମ୍ମୁଖୀନ ନ ହେବେ, ମାନସିକ ନିର୍ଯାତନାର ଶିକାର ନ ହେବେ ସେଥିପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ପ୍ରାରମ୍ଭରେ ଏସ୍‌ପି ଅଭିନବ ସୋନକର ସ୍ୱାଗତ ଅଭିଭାଷଣ ପ୍ରଦାନ କରି କର୍ମଶାଳା ଆୟୋଜନ ସମ୍ପର୍କରେ ଅବଗତ କରିଥିଲେ। ଏହି କର୍ମଶାଳାରେ ରିସୋର୍ସ ପର୍ସନ ଅରୁଣୋଦୟ ୟୁନିଭର୍ସିଟିର ପ୍ରଫେସର ଆବାଶ ପରିଡ଼ା, ନ୍ୟାସନାଲ ଲ-ୟୁନିଭର୍ସିଟିର ସହକାରୀ ପ୍ରଫେସର ଡ. କୁନ୍ତିରାଣୀ ପ୍ରଧାନ ଏବଂ ଉଦୟଟେଲ କମ୍ୟୁନିକେଶନ୍‌ର ଦିବାକର ପ୍ରସାଦ ଦାଶ ଯୋଗଦେଇ ଲିଙ୍ଗଗତ ପ୍ରଭେଦ ଯୋଗୁ ଉପୁଜୁଥିବା ହିଂସା ଓ ତା'ର ପ୍ରତିକାର, ଡ଼ିଜିଟାଲ ନିରାପତ୍ତା ରକ୍ଷା, ନାରୀ ନିର୍ଯାତନା ବିରୋଧରେ ଥିବା ସାମ୍ବିଧାନିକ ଅଧିକାର ଓ ନାରୀ ସଶକ୍ତୀକରଣ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଜିଲା ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବାହୀ ଅଧିକାରୀ, କାଉନସିଲରଙ୍କ ଅନୁପସ୍ଥିତି ନେଇ କ୍ଷୋଭ



ବୈଠକରେ ଯୋଗଦେଇଥିବା ଅଧ୍ୟକ୍ଷ ଓ କାଉନସିଲରମାନେ।

ଭୁବନ, ୭।୩ (ବିପିନ ବିହାରୀ ସେଠୀ)

**ଏନ୍ଏସି ବୈଠକ**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ୧୪ତମ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଜଣ କାଉନସିଲରଙ୍କ ସମେତ ଅଧ୍ୟକ୍ଷ, ବିଧାୟକ, ଏମ୍‌ପି ଉପସ୍ଥିତ ରହିବା ସ୍ଥାନରେ କେବଳ ଉପାଧ୍ୟକ୍ଷଙ୍କ ସମେତ ୫ ଜଣ କାଉନସିଲର ଉପସ୍ଥିତ ଥିଲେ। ପରିଷଦ ବୈଠକ ପାଇଁ ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ୨ ତାରିଖରେ ନିର୍ବାହୀ ଅଧିକାରୀଙ୍କ ସହଯୋଗରେ ବୈଠକ କରିବା ପାଇଁ ସ୍ଥିର କରିଥିଲେ। କିନ୍ତୁ ବୈଠକରେ ୯ଜଣ କାଉନ୍‌ସିଲର କାରଣ ଦର୍ଶାଇ ଅନୁପସ୍ଥିତ ରହିବା ପାଇଁ କହିଥିଲେ। ନିର୍ବାହୀ ଅଧିକାରୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବା ଦର୍ଶାଇ ବୈଠକର ଦିନ ପରିବର୍ତ୍ତନ ପାଇଁ ଚିଠି ଲେଖିଥିଲେ। ଫଳରେ ବୈଠକରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିଶେଷ ଆଲୋଚନା ହୋଇପାରି ନ ଥିଲା। ଫଳରେ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିଥିଲେ। ଭୁବନ ନିର୍ବାହୀ ଅଧିକାରୀ ପ୍ରଦତ୍ତ କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କାଟିଦେଇଥିଲେ। ବୈଠକରେ ଉପାଧକ୍ଷା ମାନିନୀ ସାହୁଙ୍କ ସମେତ ୧, ୩ ,୯, ୧୨,୧୪ ଓ ୧୫ ନମ୍ବର କାଉନସିଲର ଉପସ୍ଥିତ ଥିଲେ।

# ମଣ୍ଟୁ ଛୁରିଆ ଓ ଗୌରୀ କଭିଙ୍କ ସଂଗୀତରେ ଝୁମିଲେ ଦର୍ଶକ

**ଉପଖଣ୍ଡ ବସନ୍ତ ମହୋତ୍ସବର ଦ୍ୱିତୀୟ ଦିନ**





କାମାକ୍ଷାନଗର, ୭।୩ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ବାଜି ରାଉତ ମଞ୍ଚରେ ଉପଖଣ୍ଡ ବସନ୍ତ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ଶନିବାର ଆୟୋଜିତ ହୋଇଛି। ଉପଜିଲାପାଳ ତଥା ମହୋତ୍ସବ କମିଟିର ଅଧ୍ୟକ୍ଷ ଦୀନମଣି ନାଏକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟଅତିଥି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ୱତନ୍ତ୍ର ଅତିଥି, ହସ୍ତତନ୍ତ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଢେଙ୍କାନାଳ ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ଓଡିଶା ବିଦ୍ୟୁତ ନିୟାମକ ଆୟୋଗ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା, ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଞ୍ଚଳ ପାଇଁ ଗର୍ବ ଆଣିଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଭାରତୀୟ ବନସେବା ଅଧିକାରୀ ତଥା ସାତକୋସିଆ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଡା. ସଂଜୟ କୁମାର ସ୍ୱାଇଁ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ନିର୍ଦ୍ଦେଶକ ଡା. ପ୍ରଭାସ ତ୍ରିପାଠୀ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଗୌରୀଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସମ୍ପାଦକ ତଥା ବିଡିଓ ପ୍ରଭୁକଲ୍ୟାଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ତହସିଲଦାର ଶୁଭଙ୍କର ମହାନ୍ତି, ବିଡିଓ ଆରୁଷୀ ମହାପାତ୍ର, କଙ୍କଡ଼ାହାଡ ବିଡିଓ ଯଶୋବନ୍ତ ଦେହୁରୀ, ଭୁବନ ତହସିଲଦାର ଅନିଲ ମହାନ୍ତି, ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲୋରିଆ ମହାନ୍ତି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ମଣ୍ଟୁ ଛୁରିଆ ଓ ଗୌରୀ କଭିଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ।

# ଗାଁକୁ ଭିନ୍ନ ପରିଚୟ ଦେଇଛି 'ସେଲ୍‌ଫି ପଏଣ୍ଟ'

## ବନ୍ତଲା ପଞ୍ଚାୟତ ଖଳାମାଳ ସାହି ଏବେ ଚର୍ଚ୍ଚାରେ

ଅନୁଗୋଳ,୭।୩ (ମାନସ ବିଶ୍ୱାଳ)



କୂଅର ସୌନ୍ଦର୍ଯ୍ୟକରଣ ସହ ପ୍ରସ୍ତୁତ ସେଲ୍‌ଫି ପଏଣ୍ଟ।

ଗାଁର ଉନ୍ନତି ପାଇଁ କାମ କରୁଥିବା ଯୁବଗୋଷ୍ଠୀ ଗ୍ରାମବାସୀଙ୍କ ସହାୟତାରେ ଶତାଧିକ ବର୍ଷ ପୁରୁଣା କୂଅର ପୁନରୁଦ୍ଧାର କରିବା ସହ ସେଠାରେ ଏକ ସେଲ୍‌ଫି ପଏଣ୍ଟ ତିଆରି କରିଛନ୍ତି। ଏହା ଅନୁଗୋଳ ଜିଲା ବନ୍ତଲା ପଞ୍ଚାୟତ ଖଳାମାଳ ସାହିକୁ ଦେଇଛି ଭିନ୍ନ ପରିଚୟ। ୨ ମାସ ତଳେ ନିର୍ମାଣ ହୋଇଥିବା ଏହି ସେଲ୍‌ଫି ପଏଣ୍ଟକୁ ନେଇ ଏବେ ଆଖପାଖ ଗାଁରେ ବେଶ୍ ଚର୍ଚ୍ଚା ଚାଲିଛି।

ସୂଚନା ଅନୁଯାୟୀ, ଖଳାମାଳ ସାହିର ପ୍ରବେଶ ପଥରେ ଶତାଧିକ ବର୍ଷ ପୁରୁଣା କୂଅ ରହିଛି। ଉକ୍ତ କୂଅର ପାଣି ସାରା ବର୍ଷ ଶୁଖେ ନାହିଁ କି ଖରାପ ହୁଏ ନାହିଁ। ଫଳରେ ଗାଁର ପ୍ରାୟ ୫୦ରୁ ଅଧିକ ପରିବାର ଉକ୍ତ କୂଅର ପାଣିକୁ ପାନୀୟ ଠାରୁ ଆରମ୍ଭ କରି ରୋଷେଇ ଆଦିରେ ବ୍ୟବହାର କରନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ କୂଅଟି ଅବହେଳିତ ଅବସ୍ଥାରେ ରହିଥିଲା। ଏ ନେଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଇତିମଧ୍ୟରେ ଉକ୍ତ ଗ୍ରାମର ଯୁବକମାନେ 'ସେକେଣ୍ଡ ଲାଇଟ୍ ୟୁଥ୍ ଆସୋସିଏଶନ' ଗଠନ କରି ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଥିଲେ। ଗାଁର ପ୍ରବେଶପଥରେ ଅବହେଳିତ ଅବସ୍ଥାରେ ଥିବା ଉକ୍ତ କୂଅର କିପରି ପୁନରୁଦ୍ଧାର କରାଯିବ ସେ ନେଇ ଯୁବଗୋଷ୍ଠୀ ଚିନ୍ତିତ ଥିଲେ। ତେବେ ନିକଟସ୍ଥ ଏକ ରାସ୍ତାର କଂକ୍ରିଟକରଣ କରାଯିବାକୁ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଟଙ୍କା ଆସିଥିବା ଜାଣି ସଂଘ କର୍ମକର୍ତ୍ତାମାନେ ବିଧାୟକ ଓ ସରପଞ୍ଚଙ୍କ ପାଖକୁ ଯାଇ ସଂଘକୁ ସେହି କାମ ଦେବାକୁ ଅନୁରୋଧ କରିଥିଲେ। ଉକ୍ତ କାମ ପାଇବା ପରେ ସଂଘ କର୍ମକର୍ତ୍ତା ଓ ଗ୍ରାମବାସୀ ନିଜେ ଶ୍ରମଦାନ କରିବା ସହ ପାରିଶ୍ରମିକ ବାବଦ ଅର୍ଥରେ ଗାଁ କୂଅର ପୁନରୁଦ୍ଧାର କରିଥିଲେ। ଏ ସମ୍ପର୍କରେ ସେକେଣ୍ଡ ଲାଇଟ ୟୁଥ୍ ଆସୋସିଏଶନ ସଭାପତି ପ୍ରଦୀପ କୁମାର ସାହୁ କହିଛନ୍ତି, ରାସ୍ତା କାମରୁ ମିଳିଥିବା ପାରିଶ୍ରମିକ ବାବଦ ଟଙ୍କା ଏବଂ ସଦସ୍ୟମାନେ କିଛି ଟଙ୍କା ଆଦାୟ କରିବା ପରେ କୂଅର ଉନ୍ନତୀକରଣ କାର୍ଯ୍ୟ କରାଯାଇଛି। କୂଅ ପରିସରକୁ ଭୂମିଠାରୁ ୪ ଫୁଟ ଉଚ୍ଚା କରାଯିବା ସହ ଚାରିପାଖ କଂକ୍ରିଟ ହୋଇଛି। ସହଜରେ କୂଅରୁ ପାଣି ଉଠାଇବା ପାଇଁ ୨ଟି ପିଲର ଏବଂ କୂଅ ପରିସରକୁ ସୁରକ୍ଷିତ ରଖିବାକୁ ଚାରିପାଖରେ ପାଚେରି ନିର୍ମାଣ କରାଯାଇଛି। ଫୁଲଗଛ ଲଗାଯାଇ ପରିବେଶକୁ ସୌନ୍ଦର୍ଯ୍ୟମୟ କରାଯିବା ସହ ସେଠାରେ ଏକ ସେଲ୍‌ଫି ପଏଣ୍ଟ ତିଆରି କରାଯାଇଥିବାରୁ ଏହା ଗାଁକୁ ଭିନ୍ନ ପରିଚୟ ଦେଇଛି। ସଂଘ ସଦସ୍ୟ ତଥା ଯବାନ ହାସିତ କୁମାର ସାହୁ କହିଛନ୍ତି, ଛୁଟିରେ ଆସିଲେ ଗାଁ ଲୋକଙ୍କ ଜୀବନ ଶୈଳୀକୁ ସୁନ୍ଦର ଓ ସହଜ କରିବା ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟ କରୁଛୁ। କୂଅ ଚାରିପଟେ ଥିବା ପାଚେରିରେ ଝୋଟି ପକାଯାଇଛି। ଚାରିପଟେ ଫୁଲଗଛ ଲଗାଯିବା ସହ ରଙ୍ଗିନ ଆଲୋକରେ ସାଜସଜ୍ଜା କରାଯାଇଛି। ଏକ ସେଲ୍‌ଫି ପଏଣ୍ଟ ତିଆରି କରାଯାଇଥିବାରୁ ଗ୍ରାମର ଯୁବତୀ ଯୁବକ ଓ ମହିଳାମାନେ ସେଠାରେ ସେଲ୍‌ଫି ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି।

# ଠିକା ସୁରକ୍ଷା କର୍ମୀଙ୍କ ମୃତ୍ୟୁ, କ୍ଷତିପୂରଣ ଦାବିରେ ଆନ୍ଦୋଳନ

ବଅଁରପାଳ,୭।୩ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ କଲୋନୀ ପରିସରରେ କାର୍ଯ୍ୟରତ ଜଣେ ଠିକା ସୁରକ୍ଷାକର୍ମୀ ଜୟ ପ୍ରକାଶ ବେହେରା (୫୧)ଙ୍କ ଶନିବାର ମୃତ୍ୟୁ ଘଟିଛି। ତାଙ୍କ ଘର କଣିହାଁ ବ୍ଲକ ଦଲକ ପଞ୍ଚାୟତ ପୋଇପାଳ ଗ୍ରାମରେ। ଅପରାହ୍ନ ୧ ଘଟିକା ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ସହକର୍ମୀମାନେ ତାଙ୍କୁ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସହକର୍ମୀ ଓ ପରିବାର ଲୋକେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ପରେ ନାଲ୍‌କୋ ପ୍ରଶାସନ ତରଫରୁ ଆଲୋଚନା କରାଯାଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ନାଲ୍‌କୋ ଉଦ୍ୟାନ ବିଭାଗରେ କାର୍ଯ୍ୟକରୁଥିବା ମେଘିନୀ ନାୟକଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ପରିବାର ଲୋକେ ନାଲ୍‌କୋ ସ୍ମେଲ୍ଟର ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ନାଲ୍‌କୋ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବାର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମୃତ ମହିଳାଙ୍କ ଘର କୁରୁଡୋଲ ଗ୍ରାମରେ।

# ଠିକାଦାର ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ,୭।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଠିକାଦାର ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘଦିନର ୮ ଦଫା ଦାବି ତୁରନ୍ତ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ଏଥିରେ ଅନୁରୋଧ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, କୋଡାଲ ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ନିୟମିତ ଭାବରେ ଏସ୍‌ଓଆରକୁ ରିଭାଇଜ କରାଯାଉ। କାର୍ଯ୍ୟଦକ୍ଷତା ମାନଦଣ୍ଡକୁ ଏକ ରାଜ୍ୟ ଏକ ଆଇନ ଭିତ୍ତିକ ପ୍ରଚଳନ କରାଯାଉ। ସଚଳ ଲଘୁ ଖଣିଜ ତାଲିକା ପ୍ରସ୍ତୁତ କରି ଟେଣ୍ଡରରେ ସେଗୁଡ଼ିକର ନାମ ସମ୍ମିଳିତ କରାଯାଉ। ଶର୍ଟ୍ ଟେଣ୍ଡରର ପରିସୀମା ୫ ଲକ୍ଷ ଟଙ୍କାରୁ ବୃଦ୍ଧି କରି ୧୦ ଲକ୍ଷ ଟଙ୍କା କରାଯାଉ। କାର୍ଯ୍ୟାଦେଶର ସମୟସୀମା ବର୍ଦ୍ଧିତ ସମୟରେ ପେନାଲ୍ଟି ବ୍ୟବସ୍ଥାକୁ ବାଦ ଦିଆଯାଉ। ଦରଦାମ ବୃଦ୍ଧିର ହିସାବ ୨୦୧୨ ମସିହାରୁ ୨୦୧୯ ପର୍ଯ୍ୟନ୍ତ ପ୍ରଚଳନ ଆଦି ଦାବି କରାଯାଇଛି। ଏହି ସମସ୍ତ ଦାବି ସରକାର ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଜିଲାର ସମସ୍ତ ଠିକାଦାର ଚେତାବନୀ ଦେଇଛନ୍ତି।

# ତୁଳସୀପାଳରେ ଚଉଦୋଳଯାତ୍ରା

ବଅଁରପାଳ,୭।୩(ସୁବାସ ସାହୁ)

ବଅଁରପାଳ ବ୍ଲକ ତୁଳସୀପାଳ ଗୋଡିସାହି ଦୋଳ ମଣ୍ଡପଠାରେ ଚଉଦୋଳ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୋଡ଼ିସାହି ଉତ୍ସବ ମୁଖର ହୋଇ ଉଠିଥିଲା। ଅପରାହ୍ନରେ ସାହିବାସୀ ନିକଟସ୍ଥ ଲଙ୍ଗୁଳିଆବେଡା ଗ୍ରାମର ଅକ୍ଷୟ କୁମାର ବିଷୋୟୀଙ୍କ ବାସଭବନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସୁସଜ୍ଜିତ ବିମାନରେ ପଟୁଆରରେ ଦୋଳ ମଣ୍ଡପକୁ ଆଣିଥିଲେ। ଶୋଭାଯାତ୍ରାରେ ଡିଜେ, ଢୋଲବାଦ୍ୟ ଓ ନାମ ସଂକୀର୍ତ୍ତନ, ଲଉଡ଼ି ଖେଳ ସାମିଲ ହୋଇଥିଲା। ରାସ୍ତାରେ ରାଧାକୃଷ୍ଣଙ୍କୁ ବନ୍ଦାପନା କରାଯାଇଥିଲା। ମଣ୍ଡପରେ ପୂଜକ ସୌମ୍ୟରଞ୍ଜନ କର ପୂଜାପାଠ ଓ ପ୍ରବୋଧ ମହାପାତ୍ର ନୂତନ ପଞ୍ଜିକା ପାଠ କରିଥିଲେ। ଯାତ୍ରା କମିଟି ସଭାପତି ବୈକୁଣ୍ଠ ସାହୁ, ସମ୍ପାଦକ ରତିକାନ୍ତ ସାହୁ, ବାଉରୀବନ୍ଧୁ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଅଜୟ ସାହୁ, ଛକଡି ସାହୁ, ଭଜମନ ମହାନ୍ତି, ହରିହର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ । ରାତିରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା।

# ଜିଲା ଲେଖିକା ସଂସଦ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ


ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ଅନୁଗୋଳ,୭।୩ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ପାଠାଗାର ସମ୍ମିଳନୀ କକ୍ଷରେ ଜିଲା ଲେଖିକା ସଂସଦ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବାଜି ରାଉତ ଛାତ୍ରାବାସ ଉପଦେଷ୍ଟା ତଥା ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ଅଧ୍ୟାପିକା ମନ୍ଦାକିନୀ ବାରିକ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ସ୍ୱପ୍ନା ଷଡ଼ଙ୍ଗୀ ଯୋଗଦେଇଥିଲେ। ଲେଖିକା ସଂସଦ ଉପ ସଭାପତି ଡ. ସୁଷମା ଚୌଧୁରୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସମାଧାନ ବିଷୟରେ ବୁଝାଇଥିଲେ। ସଭାପତି ଡା. ଇନ୍ଦିରା ଦାଶ, ତାଳଚେର ମହାବିଦ୍ୟାଳୟ ଅଧ୍ୟାପିକା କଳ୍ପନା ବୋଇତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ତାଳଚେର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା କବି ଶୋଭାଗିନୀ ଦେବୀ ଏବଂ ବାଜି ରାଉତ ଛାତ୍ରାବାସର କର୍ମୀ ତଥା ଲେଖିକା ଲିପିକା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଖିକା ସଂସଦର ଗୀତାମୟୀ ମହାପାତ୍ର, ଗୋଲାପ ନନ୍ଦ, ଦୀପ୍ତିମୟୀ ବିଶ୍ୱାଳ, ଅନୁପମା ପ୍ରଧାନ, ମଞ୍ଜୁ ରଥ, କୁମୁଦିନୀ ବିଶ୍ୱାଳ, ସଞ୍ଜିବନୀ ପଟ୍ଟନାୟକ, ସରୋଜିନୀ ଦେଈ, ନଳିନୀ ମଞ୍ଜରୀ ଦାସ ପ୍ରମୁଖ କବିତାପାଠ କରିଥିଲେ। ଅନୀତା ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଙ୍କ ଭବିଷ୍ୟତ ଗଠନରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଆଠମଲ୍ଲିକ,୭।୩(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁବାଟିକା ବିଭାଗରେ 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ ଯୋଗଦେଇ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ସଦସ୍ୟଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଶିଶୁ ବାଟିକା ବିଭାଗ ପ୍ରମୁଖ ବିଳାସିନୀ ଦେବୀ ଅଭିଭାବକ ଓ ଶିକ୍ଷକଙ୍କ ମିଳିତ ସହଯୋଗରେ ଶିଶୁଙ୍କ ଭବିଷ୍ୟତ ଗଠନ କରିହେବ ବୋଲି କହିଥିଲେ। ଆଚାର୍ଯ୍ୟା ମମିତା ଦାଶ, ଶକୁନ୍ତଳା ମହାଖୁଡ଼, ସୁଷମା ସାହୁ ସହଯୋଗ କରିଥିଲେ। ଆଚାର୍ଯ୍ୟା ରୋଜାଲିନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିକାଣ୍ଡରେ ଜଳିଗଲା ୨ବଖରା



ସନ୍ତ୍ରୀଛକ,୭।୩(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତର ମଧ୍ୟପାଟଣା ସାହିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ପାଞ୍ଚାଳୀ ବେହେରାଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଶର୍ଟସର୍କିଟ ହୋଇ ଘରେ ନିଆଁ ଲାଗିଯାଇଥିଲା। ଅଳ୍ପସମୟ ଭିତରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ନଗଦ ୨୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବୁଢ଼ାପାଙ୍କ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ପାଖରେ ଥିବା ଅନ୍ୟ ଘରଗୁଡ଼ିକ ଏକ ବଡ଼ ବିପତ୍ତିରୁ ରକ୍ଷା ପାଇଯାଇଥିଲା। ଶନିବାର ବଅଁରପାଳ ତହସିଲଦାର ସୁଶାନ୍ତ କୁମାର ମିଶ୍ର ସ୍ଥାନୀୟ ଆର୍‌ଆଇ ବିଦ୍ୟାଧର ମାଝୀ ପାଞ୍ଚାଳୀଙ୍କ ଘରକୁ ଯାଇ ଶୁଖିଲା ଖାଦ୍ୟ ପ୍ରଦାନ ସାଙ୍ଗକୁ ସରକାରଙ୍କ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ୨ ଯୁବତୀ ନିଖୋଜ ଅଭିଯୋଗ

ସନ୍ତ୍ରୀଛକ,୭।୩(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗୋତମରା ସ୍କୁଲ ସାହିର ଜଣେ ଯୁବତୀ ଘରୁ କେଉଁଆଡେ ପଳାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ପାଇବାରୁ ଏ ନେଇ ବଅଁରପାଳ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ନମ୍ବର ୩୦/୨୬ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସେହିପରି ନୂଆହତା ଡିହସାହିର ଜଣେ ଯୁବତୀ ଶୁକ୍ରବାର ଅପରାହ୍ନରେ ଘରୁ କେଉଁଆଡେ ପଳାଇଥିବା ବଅଁରପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୩୧/୨୬ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ କହିଛନ୍ତି।

# ଘରଛାଡ଼ି ପଳାଇଲେ ସ୍ତ୍ରୀ, ହାତ କାଟି ସ୍ୱାମୀ ମୃତ

ଛେଣ୍ଡିପଦା,୭।୩(ଅଜିତ୍ ଧଳ)

ପାରିବାରିକ କଳହ ଯୋଗୁ ସ୍ତ୍ରୀ ଘର ଛାଡ଼ି ଚାଲିଯିବା ପରେ ଛୁରିରେ ହାତ କାଟି ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଅନୁଗୋଳ ଜିଲା ଛେଣ୍ଡିପଦା ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ବୁଢ଼ାପାଳ ଗାଡ଼ିଆପାଳ ଗାଁର ସନ୍ତୋଷ କୁମାର ନାଏକ।

ସୂଚନା ଅନୁଯାୟୀ, ସନ୍ତୋଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ୪ ଦିନ ପୂର୍ବରୁ ଝଗଡ଼ା ହୋଇଥିଲା। ଏଥିରେ ରାଗି ସ୍ତ୍ରୀ ଘର ଛାଡ଼ି ବାପଘରକୁ ପଳାଇଥିଲେ। ଶନିବାର ଘରେ କେହି ନ ଥିବାବେଳେ ସନ୍ତୋଷ ଏକ ଛୁରିରେ ତାଙ୍କ ବାମହାତକୁ କାଟି ଦେଇଥିଲେ। ସନ୍ତୋଷଙ୍କ ମା' ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଛେଣ୍ଡିପଦା ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ। ଏନେଇ ନମ୍ବର ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି' ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା**

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢ଼ସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ଼ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

